# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 4 January - 2025

# କ୍ୟାବିନେଟ୍ ବୈଠକ

ରାଜ୍ୟ ସରକାରଙ୍କ ଚଳିତବର୍ଷର ପ୍ରଥମ କ୍ୟାବିନେଟ୍ ବୈଠକରେ ୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ଅନୁଯାୟୀ ଚଳିତମାସରୁ ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୩ହଜାର ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିବାକୁ ଥିବା ସୁଭଦ୍ରା ହିତାଧିକାରୀଙ୍କୁ ଏକକାଳୀନ ୨ଟି କିସ୍ତି ପ୍ରଦାନ କରାଯିବ । କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଅନ୍ୟାନ୍ୟ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଯୋଗାଣ ନିଗମକୁ ବ୍ୟାଙ୍କ ଋଣ ପାଇଁ ସରକାରୀ ଗ୍ୟାରେଣ୍ଟି ପ୍ରଦାନ କରାଯିବ । ମୁଖମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ୫ ବର୍ଷ ନିମନ୍ତେ ୮୭୪ ଦଶମିକ ୧/୪ କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ ଅନୁମୋଦନ ମିଳିଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ରାଜ୍ୟ ସରକାର କିଲୋୱାଟ ପିଛା ୨୫ହଜାର ଟଙ୍କା ହିସାବରେ ୨ କିଲୋୱାଟ ପର୍ଯ୍ୟନ୍ତ ଓ ତୃତୀୟ

କିଲୋୱାଟ ପାଇଁ ଅତିରିକ୍ତ ୧୦ହଜାର ଟଙ୍କା ରିଆତି ପ୍ରଦାନ କରିବେ । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି...

**V/o-**

## ସମୀକ୍ଷା ବୈଠକ

ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ୮ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିମାନବନ୍ଦରଠାରୁ କାର୍ଯ୍ୟକ୍ରମ ସ୍ଥଳର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା, ଟ୍ରାଫିକ ଏବଂ ହୋଟେଲ ଗୁଡ଼ିକରେ ସୁ-ବ୍ୟବସ୍ଥା ସହ କୌଣସିପ୍ରକାର ଅଘଟଣକୁ ଏଡାଇବା ପାଇଁ ପ୍ରସ୍ତୁତ ଓ ସଜାଗ ରହିବାକୁ ଡିଜିପି ପରାମର୍ଶ ଦେଇଛନ୍ତି ।

## ଶିକ୍ଷାର୍ଥୀ-ବିଦ୍ୟାଳୟ

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ଅଧିକ ୧ଲକ୍ଷ ଶିକ୍ଷାର୍ଥୀ ବିଦ୍ୟାଳୟକୁ ଆସିଥିବା ଜଣାପଡିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୟୁ-ଡାଇସ୍ ପ୍ଲସ୍ ରିପୋର୍ଟ ଅନୁଯାୟୀ ରାଜ୍ୟରେ କୌଣସି ଶିକ୍ଷାର୍ଥୀ ନଥିବା ବିଦ୍ୟାଳୟ ସଂଖ୍ୟା ୩୩ରୁ ୮କୁ ହ୍ରାସ ପାଇଛି । ସୂଚନା

ଅନୁଯାୟୀ ରାଜ୍ୟରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୫୨ଲକ୍ଷ ଶିକ୍ଷାର୍ଥୀ ନାମ ଲେଖାଇଥିବାବେଳେ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ୧୪ଲକ୍ଷରୁ ଅଧିକ ଶିକ୍ଷାର୍ଥୀ ନାମ ଲେଖାଇଛନ୍ତି ।

## ଓଡ଼ିଶା-ପ୍ରଥମସ୍ଥାନ

ସର୍ବଭାରତୀୟ ଅନ୍‌ଲାଇନ୍ ପୋର୍ଟାଲରେ ସଂକ୍ରାମକ ରୋଗ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନ କରି ଓଡ଼ିଶା ପ୍ରଥମସ୍ଥାନ ହାସଲ କରିଛି । ଗତବର୍ଷ ଜାନୁଆରୀରୁ ଡିସେମ୍ବର ମାସ ମଧ୍ୟରେ ସମନ୍ୱିତ ରୋଗ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲା ଓ ୫ଟି ମହାନଗର ନିଗମର ୧୦ହଜାର ୬ଶହ ଅଣଷଠିଟି ରିପୋର୍ଟିଂ ୟୁନିଟ୍‌ରୁ ସଠିକ୍ ସମୟରେ ତଥ୍ୟ ପ୍ରଦାନ କରାଯାଇଥିବା ଜଣାପଡିଛି ।

## ବରଗଡ ଧନୁଯାତ୍ରା

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ୭୭ତମ ବରଗଡ ଧନୁଯାତ୍ରା ମହୋତ୍ସବ ଗତ ସଂଧ୍ୟାରେ ଉଦ୍‌ଘାଟିତ ହୋଇଛି । ବରଗଡ ସାଂସଦ ପ୍ରଦୀପ ପୁରୋହିତ ଏବଂ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ପୌରାଣିକ କଥାବସ୍ତୁ ଅନୁଯାୟୀ ପ୍ରଥମ ଦିନରେ ମହାରାଜା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ମଥୁରା ନଗରୀରେ ରାଜୁତି ଆରମ୍ଭ କରିଛନ୍ତି । ଦେବକୀ-ବାସୁଦେବ ବିବାହ ଓ ସେମାନଙ୍କୁ କାରାଗାର ପ୍ରେରଣ ଅଭିନୀତ ହୋଇଛି । ଆଜି ସଂଧ୍ୟାରେ ରଙ୍ଗ

ମହଲର ଉଦ୍‌ଘାଟନ ସହ ଶ୍ରୀକୃଷ୍ଣ ଜନ୍ମ ସହ ବସୁଦେବଙ୍କ ଗୋପପୁର ଯାତ୍ରା ଆଦି ଅଭିନୀତ ହେବ । ଏହି ୧୧ଦିନିଆ ମହୋତ୍ସବ ପାଇଁ ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ବରଗଡ ସହରକୁ ସୁସଜ୍ଜିତ କରାଯାଇଛି ।

## ରାଜ୍ୟ ପଣ୍ୟଗାର ନିଗମ

ରାଜ୍ୟ ପଣ୍ୟଗାର ନିଗମ ଲାଭାଂଶ ବାବଦକୁ ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ୪ ଦଶମିକ ୩/୬ କୋଟି ଟଙ୍କାର ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଚେକ୍ ପ୍ରଦାନ କରାଯାଇଥିବା ଜଣାପଡିଛି ।

## ପକ୍ଷୀଗଣନା

ରାଜ୍ୟରେ ଆସନ୍ତା ୧୮ ତାରିଖରେ ପକ୍ଷୀଗଣନା କରାଯିବ । ପ୍ରଥମଥର ପାଇଁ ପକ୍ଷୀଙ୍କ ଗୋଡ଼ରେ ସାଟେଲାଇଟ୍ ଟ୍ରାକିଂ ରିଙ୍ଗ ଲଗାଯାଇ ପକ୍ଷୀଙ୍କର ସମ୍ପୂର୍ଣ୍ଣ ଗତିବିଧି ଜାଣବା ଲାଗି ବ୍ୟବସ୍ଥା କରାଯାଇଥିବା ମୁଖ୍ୟବନ ସଂରକ୍ଷକ ପ୍ରେମ୍ କୁମାର ଝା କହିଛନ୍ତି । ପକ୍ଷୀଗଣନା ପ୍ରକ୍ରିୟା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଏଥିରେ ଛାତ୍ରଛାତ୍ରୀ, ପକ୍ଷୀ ବିଶେଷଜ୍ଞ ଓ ପକ୍ଷୀ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ସାମିଲ କରାଯିବ ।

# ପଥ ମହୋତ୍ସବ

କଟକ ଜିଲ୍ଲାପ୍ରଶାସନ ଓ ମହାନଗର ନିଗମର ମିଳିତ ସହଯୋଗରେ ଆସନ୍ତାକାଲି ପଥ ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସର ପ୍ରଚାର ପ୍ରସାର କରାଯିବ । ଏହି ପଥୋ ମହୋତ୍ସବ ନ୍ୟାୟ ସଂଗ୍ରହାଳୟଠାରୁ ଆରମ୍ଭ ହୋଇ ବାରବାଟୀ ଦୁର୍ଗ ଫାଟକ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ପଇଁରି ତିହାରର ରୌପ୍ୟଜୟନ୍ତୀ

ସୁବର୍ଣ୍ଣପୁରର ଭୀମଭୋଇ କଳାମଣ୍ଡପ ପଡ଼ିଆରେ ଚାଲିଥିବା ପଇଁରି ତିହାରର ରୌପ୍ୟଜୟନ୍ତୀ ଉତ୍ସବର ଅନ୍ତିମ ସଂଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଯାଇଛି । ସାଂସ୍କୃତିକ ଅନୁଷ୍ଠାନ ପଇଁରି, କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପଇଁରି ତିହାର ଉଦ୍‌ଯାପନୀ ଦିବସରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା ଯୋଗଦେଇ ୪ଜଣ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ ।

# ଧାନମଣ୍ଡି ଆରମ୍ଭ

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଦାସପୁର ସେବା ସମବାୟ ସମିତି କୋଲଥି ଗାଁରେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦ୍ୱାରା ଧାନମଣ୍ଡି ଆରମ୍ଭ କରାଯାଇଛି । ଗତବର୍ଷ ସେହି ମଣ୍ଡିରେ ୯ହଜାର କ୍ୱିଣ୍ଟାଲ ଧାନ ଉଠିଥିବାବେଳେ ଚଳିତବର୍ଷ ୮ହଜାର ୮୯୨ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

# ପାଣିପାଗ

ରାଜ୍ୟରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ ସୂଚନା ଅନୁଯାୟୀ ସୋମବାରଠାରୁ ଶୀତ ପ୍ରକୋପ ହ୍ରାସ ପାଇବ । ସୂଚନା ଅନୁଯାୟୀ ଉଦୟଗିରି ୪ ଦଶମିକ ୮ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ସବୁଠୁ ଥଣ୍ଡା ସହର ଭାବେ ପରିଗଣିତ ହୋଇଥିବାବେଳେ ଅଧିକାଂଶ ସହରରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିବା ଜଣାପଡିଛି ।